The Odisha Gazette

EXTRAORDINARY

PUBLISHED BY AUTHORITY

No. 4298 CUTTACK, FRIDAY, OCTOBER 3, 2025/ASWINA 11, 1947

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

ଘୋଷଣା।

ତାରିଖ ୨୫ ସେପ୍ଟେମ୍ବର ୨୦୨୫

ସଂଖ୍ୟା. ୬୩୦୨/୨୦୨୫—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ରାଙ୍ଗଣୀଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର- ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୯/୨୦୨୩, ତା ୧୬ ଜୁନ ୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା ରାଙ୍ଗଣୀଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିର ଜୟପୁର- ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ତଥା ତହସିଲଦାର, ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ ମାଲକାନଗିରି, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
(୧)	(୨)	(୩)	(୪)	(୫)	(୬)	(୭)	(୮)
ରାଙ୍ଗଣୀଗୁଡା	ଗ୍ରାମାଞ୍ଚଳ	ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା ।					

ଭୂମି ଅନୁସୂଚୀ

ଖାତା ନଂ.	ପ୍ଲଟ ନଂ.	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	କିସମ	ରୟତଙ୍କ ନାମ
(୧)	(୨)	(୩)	(୪)	(୫)	(୬)
୯୪	୨୧/୯	୧.୦୩୭	୦.୮୧୫	ଜଙ୍ଗଲ	ଧନ ପାଙ୍ଗି, ପି. ଅର୍ଜୁନ ପାଙ୍ଗି, ଜାତି ପରଜା, ଗ୍ରାମ ଭିମାରାଙ୍ଗିଣୀ ।
୧୦୫	୨୨/୩	୦.୯୮୮	୦.୦୪୯	ଜଙ୍ଗଲ	ଶିବ ଭୂମିଆ, ପି. କୃଷ୍ଣ ଭୂମିଆ, ଜାତି ଭୂମିଆ, ଗ୍ରାମ ରାଙ୍ଗିଣୀଗୁଡା ।
	ମୋଟ :	୨.୦୨୫	୦.୮୬୪		

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ଦିନ ଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରିଠାରେ ତା.....୨୦୨୫ରିଖ ଦିବା ୧୧.୦୦ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରି ପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସୋମେଶ କୁମାର ଉପାଧ୍ୟାୟ

ଜିଲ୍ଲାପାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3508—173+4